



# ପୁଣି ଶ୍ରୀମନ୍ଦିର ଡ୍ରୋନ୍ ଫଟୋ ଭାଇରାଲ୍

ଭୁବନେଶ୍ୱର/ପୁରୀ, ୨୨।୧୨(ସମିସ): ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଡ୍ରୋନ୍ ଫଟୋ। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରି କାମ ସାରିଦେଉଛି। ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ନିୟମ ଉଲ୍ଲଂଘନକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ଏଭଳି ବେନିୟମ ଉଡ଼ାଣ କରି ଫଟୋ, ଭିଡିଓ ଉତ୍ତୋଳନ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ ସିଷ୍ଟମ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ ହେବା ନେଇ ସୂଚନା ବି ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଚକ୍କର୍ କାଟୁଛି। ତେଣୁ, ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, କୁଆଡ଼େ ଗଲା ଆଣ୍ଟି-ଡ୍ରୋନ୍ ସିଷ୍ଟମ?

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଛି। ଏବେ ମନ୍ଦିର ଉପରେ ଡ୍ରୋନ ଉଡାଣ ଚିନ୍ତା ବଢ଼ାଇ ଦେଲାଣି। କିଛି ଦିନର ବ୍ୟବଧାନ ପରେ ପୁଣି ଡ୍ରୋନ୍ ଦ୍ୱାରା ନିଆଯାଇଥିବା ଶ୍ରୀମନ୍ଦିର ଫଟୋ ଭାଇରାଲ ହୋଇଛି। ଫେସ୍‌ବୁକରେ ଏକ୍ସପ୍ଲୋର ଇଣ୍ଡିଆ ନାମକ ଏକ ସଂସ୍ଥା ଏହି ଫଟୋ ଛାଡ଼ିଛି। ଅପ୍‌ଲୋଡ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି। ତେବେ ଶ୍ରୀମନ୍ଦିର ଉପରୁ ଡ୍ରୋନ ମାଧ୍ୟମରେ କିଭଳି ଏହି ଫଟୋ ନିଆଗଲା, ତାହାକୁ

## କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ?

ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଫଟୋରେ କୁରମ ବେଢ଼ା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଦେଖାଯାଉଛି। ମେଘନାଦ ପାଚେରୀ ଭିତରେ ଥିବା ଅନ୍ୟାନ୍ୟ ଐତିହ୍ୟ ଓ ମନ୍ଦିର ମଧ୍ୟ ଫଟୋରେ ରହିଛି। ଶ୍ରୀମନ୍ଦିର ଉପରେ ନୋ-ଫ୍ଲାଇଂ ଜୋନ୍ କରାଯାଇଥିବା ବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଉପରୁ ଫଟୋ ଓ ଭିଡିଓ କିଭଳି ଉତ୍ତୋଳନ କରାଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ସମ୍ପର୍କିତ ଶ୍ରୀମନ୍ଦିର ଆଇନରେ କଠୋର୍ ଦଣ୍ଡବିଧାନ ବ୍ୟବସ୍ଥା ନାହିଁ। ତେଣୁ ଏହା ହୃଦ୍‌ବୋଧ କରି ଶ୍ରୀମନ୍ଦିରରେ ଆଇନରେ ପରିବର୍ତ୍ତନ ପାଇଁ ଆଇନ ବିଭାଗକୁ ୪ଟି ବିନ୍ଦୁ ଉପରେ ଚିଠା ପ୍ରସ୍ତାବ ଦିଆଯାଇଛି।

ସୂଚନାଥାଉ କି, ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ-ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଆଣ୍ଟି-ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ବୋଲି କୁହାଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପାର୍ଶ୍ୱରେ ଉଡୁଥିବା ଗୋଟିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଥିଲା। ଏହି ଆଣ୍ଟି ଡ୍ରୋନ ସିଷ୍ଟମ ଦ୍ୱାରା ଏକ ନେଟ୍‌ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ ଉଡ଼ିଲେ ଏହି ସିଷ୍ଟମ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା। ହେଲେ ଏହାପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ। କିନ୍ତୁ ଏ ପର୍ଯ୍ୟନ୍ତ ଆଣ୍ଟି ଡ୍ରୋନ ସିଷ୍ଟମ ଲାଗିପାରିଲା ନାହିଁ।

# ପୁଣି ମହାପ୍ରଭୁଙ୍କୁ ଅପମାନ

ପୁରୀ,୨୨।୧୨(ସମିସ): ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଅପମାନ। ଏକ ଫଟୋଫ୍ରେମ୍‌ରେ ପାଦ ଚିତ୍ରକୁ ତିନି ଠାକୁରଙ୍କ ପଛପଟେ ରଖିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଅଜୟ ଖତ୍ରୀ ନାମକ ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏଭଳି ଦୃଶ୍ୟକୁ ଅପ୍‌ଲୋଡ୍ କରିଛନ୍ତି। ଏହା ମହାପ୍ରଭୁଙ୍କୁ ଅପମାନ ହୋଇଥିବା ବେଳେ କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଏହା ଆଘାତ ପହଞ୍ଚାଇଛି। ଏହି ଭିଡିଓକୁ ପାଖାପାଖି ୮୫ ହଜାର ଲୋକ ଦେଖିଥିବା ବେଳେ ଏବେ ବି ଏହି ଭିଡିଓ ଅଜୟ ଖତ୍ରୀଙ୍କ ଆଇଡିରେ ସକ୍ରିୟ ରହିଛି। ଏହାକୁ ନେଇ ସବୁମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

- କ୍ରୀଡ଼ାକୁ ହତାଦର; କ୍ରୀଡ଼ାବିତ୍‌ଙ୍କୁ ଉପେକ୍ଷା

# ଟ୍ରେନ୍ ଶୌଚାଳୟରେ ବସି ଫେରିଲେ କୁସ୍ତି ଖେଳାଳି

ଭୁବନେଶ୍ୱର, ୨୨।୧୨ (ସମିସ): ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଖେଳାଳିଙ୍କୁ ଏକ ଚରମ ଅବହେଳାର ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ଉତ୍ତର ପ୍ରଦେଶରେ ଅନୁଷ୍ଠିତ ଜାତୀୟ ସ୍କୁଲ କୁସ୍ତିର ୬୯ତମ ସଂସ୍କରଣରେ ଭାଗନେଇଥିବା ଓଡ଼ିଶାର ୧୮ ଜଣ ଖେଳାଳିଙ୍କୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅବହେଳା ଯୋଗୁ ଶେଷରେ ଟ୍ରେନ ଶୌଚାଳୟ ନିକଟରେ ଅମାନବୀୟ ପରିସ୍ଥିତିରେ ଯାତ୍ରା କରିବାକୁ ପଡ଼ିଛି। ବିଭାଗର ଏହି ଅବହେଳାକୁ ନେଇ କ୍ରୀଡ଼ା ମହଲ ସମେତ ଚାରିଆଡ଼ୁ ଏହାକୁ କଡ଼ା ନିନ୍ଦା କରାଯାଇଛି। ଘଟଣାରୁ ଜଣାପଡ଼ିଛି ଯେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୧୦ଜଣ ପୁଅ ଓ ୮ ଜଣ ଝିଅଙ୍କ ସମେତ ୧୮ ଜଣଙ୍କୁ ଏହି ଜାତୀୟସ୍ତରୀୟ ସ୍କୁଲ କୁସ୍ତି ଲାଗି ଉତ୍ତରପ୍ରଦେଶକୁ ପଠାଯାଇଥିଲା। କିନ୍ତୁ ସେମାନଙ୍କର ଟ୍ରେନ ଟିକଟ୍ କନଫର୍ମ କରାଯାଇ ନ ଥିବାରୁ ଏହି ଯୁବ କ୍ରୀଡ଼ାବିତ୍‌ଙ୍କୁ ଅସହ୍ୟ ଥଣ୍ଡାରେ ସାଧାରଣ ବଗିରେ ଟ୍ରେନ୍ ଶୌଚାଳୟପାଖରେ ବସି ଯାତ୍ରା କରିବାକୁ ପଡ଼ିଥିଲା। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି ଖେଳାଳିମାନେ ଉତ୍ତର ପ୍ରଦେଶରୁ ଫେରିଲାବେଳେ ମଧ୍ୟ ଟିକଟ୍ କନଫର୍ମ ହୋଇ ନ ଥିବାରୁ ସମାନ ଭାବରେ ଶୌଚାଳୟ କବାଟ ପାଖରେ ତଳେ ବସି ଘରକୁ ଫେରିଥିଲେ।

ଖେଳାଳିମାନଙ୍କ ଏଭଳି ଦୟନୀୟ ଟ୍ରେନ ଯାତ୍ରାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଜାତୀୟ କ୍ରୀଡ଼ାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳିଙ୍କ ଏଭଳି ଯାତ୍ରାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏପରିକି ବିଭିନ୍ନ ଜାତୀୟସ୍ତରର ଗଣମାଧ୍ୟମରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ହୋଇଛି। ଏକଦା ପୂର୍ବ ସରକାରଙ୍କ ସମୟରେ ଦୁଇ ଦୁଇଥର ସିନିଅର ହକି ବିଶ୍ୱକପ୍, ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍, ଫିଫା ଯୁବା ମହିଳା ବିଶ୍ୱକପ୍ ଭଳି ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରି ଅଜସ୍ର ପ୍ରଶଂସା ସାଉଣ୍ଟିଥିବା ଓଡ଼ିଶାକୁ ଏହି ଘଟଣା ଏବେ ଜାତୀୟସ୍ତରରେ ଲଜ୍ଜିତ କରିଛି।

# ସରକାରୀ କର୍ମଚାରୀଙ୍କ ଘରୁ ଶିଶୁ ଶ୍ରମିକ ଉଦ୍ଧାର




ଭୁବନେଶ୍ୱର, ୨୨।୧୨(ସମିସ): ବାଲିଅନ୍ତା ଥାନା ଅଧୀନସ୍ଥ ବ୍ରାହ୍ମଣ ଷଡ଼ଙ୍ଗୀ ଅଞ୍ଚଳର ଦେଢ଼ାଲୋ ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗଙ୍ଗାଧର ସାମଲଙ୍କରେ ଘରୋଇ ଚାକର ଭାବେ କାମ କରୁଥିବା ୧୩ ବର୍ଷ ବୟସର ଶିଶୁ କନ୍ୟା। ଗଙ୍ଗାଧର ସାମଲଙ୍କ ଝିଅ ରଶ୍ମିତା ସାମଲ ଆଠଗଡ଼ ହାଇସ୍କୁଲରେ ଜଣେ ଶିକ୍ଷୟତ୍ରୀ ଭାବେ କାମ କରୁଥିବା ବେଳେ ତାଙ୍କ ସ୍ୱାମୀ ପେଶାରେ ଜଣେ ଓକିଲ। ତେବେ ରଶ୍ମିତା ନଜ ଘର କଟକରେ ଏହି ଶିଶୁକନ୍ୟାକୁ ନିଜ ଘରେ ରଖି କାମ କରାଉଥିବା ବେଳେ ବାଲିଅନ୍ତାରେ ନିଜ ବାପଘରେ ମଧ୍ୟ ସମାନ କାମରେ ନିୟୋଜିତ କରିଥିଲେ। ଖବର ପାଇ ରୁଚିକା ସମାଜ ମଙ୍ଗଳ ସଂଗଠନର ଆକ୍‌ସେସ ଟୁ ଜଷ୍ଟିସ ଫର୍ ଚିଲ୍‌ଡ୍ରେନ ପ୍ରକଳ୍ପର କର୍ମକର୍ତ୍ତା ଓ ବାଲିଅନ୍ତା ପୋଲିସ ମିଳିତ ଭାବେ ଚଢ଼ାଉ କରି ଗଙ୍ଗାଧର ସାମଲଙ୍କ ଘରୁ ଶିଶୁ କନ୍ୟାକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ଜାଣିବାକୁ ମିଳିଛି ଯେ ଶିଶୁ କନ୍ୟାଟିର ଘର ମୟୂରଭଞ୍ଜ ଜିଲ୍ଲାରେ। ପିଲାବେଳେ ତାର ବାପାଙ୍କର ମୃତ୍ୟୁ ହେବା ପରେ ମା’ ଆଉଜଣେ ପୁରୁଷକୁ ପୁନଃ ବିବାହ କରିଥିଲେ। କିନ୍ତୁ ସେହି ସାବତ ବାପା ଝିଅଟିକୁ ସହଜରେ ଗ୍ରହଣ କରିପାରୁ ନଥିଲେ। ଦରିଦ୍ରତାର ତାଡ଼ନାରେ ଅତିସହ୍ୟ ମା ଓ ପରିବାରର ସୁଯୋଗ ନେଇ ରଶ୍ମିତା ସାମଲ ତାଙ୍କ ଘରେ ଘରୋଇ ଚାକର ଭାବେ କାମକରିବା ପାଇଁ ମାସିକ ମାତ୍ର ୩୦୦୦ ଟଙ୍କା ଚୁକ୍ତିରେ ନିଜ ଘର କଟକୁ ଝିଅଟିକୁ ନେଇଆସିଲେ। ତେବେ ଝିଅଟି ଖୁବ୍ ଛୋଟ ହୋଇଥିବା ସମୟରୁ ରଶ୍ମିତା ତାକୁ ନେଇ ଆସି କାମରେ ନିଯୁକ୍ତି କରିଥିବାରୁ ଝିଅଟି ନିଜର ପରିଚୟ ବି ଭୁଲି ଯାଇଛି। ସେ ତାର ଠିକଣା ଓ କେବେଠାରୁ କାମରେ ନିଯୁକ୍ତି ହେଲା କହିପାରୁ ନାହିଁ। କେବଳ ତାର କାମ ପାଇଁ ରଶ୍ମିତା ତା ମା’କୁ ମାସିକ ୩୦୦୦ ଟଙ୍କା ଦିଅନ୍ତି ବୋଲି ପ୍ରକାଶ କରିଛି। ତେବେ କାମରେ ଟିକେ ଅବହେଳା କଲେ ରଶ୍ମିତାଙ୍କ ବାପା ଗଙ୍ଗାଧର ତାକୁ ଖୁବ୍ ପିଟନ୍ତି ବୋଲି ଝିଅଟି ଉଦ୍ଧାରକାରୀ ମାନଙ୍କୁ ଜଣାଇଛି। ଝିଅଟି ଉଦ୍ଧାର ହେବା ପରେ ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ତାକୁ ଓପନ ସେଲ୍ଟର୍‌ରେ ରଖାଯାଇ କାଉନସେଲିଂ କରାଯାଉଛି। ତେବେ ରୁଚିକାର କର୍ମକର୍ତ୍ତା ହରପ୍ରିୟା ପତି, ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା ପ୍ରମୁଖ ଉଦ୍ଧାରକାରୀ ପୋଲିସକୁ ସହାୟତା କରିଥିଲେ ବୋଲି ଶିଶୁ ଅଧିକାର କର୍ମୀ ଡ. ବେଣୁଧର ସେନାପତି ମତ ବ୍ୟକ୍ତ କରିଛନ୍ତି।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ବାର୍ଷିକ ଦିବସ



ଭୁବନେଶ୍ୱର, ୨୨।୧୨(ସମିସ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୯ତମ ବାର୍ଷିକ ଉତ୍ସବ ‘ବିୟଣ୍ଡ ବାଉଣ୍ଡାରିଜ ୨୦୨୫’ ସୋମବାର ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା। ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ ମୁଖପତ୍ର ‘କାରାନାଇ’ର ଇ-ସଂସ୍କରଣକୁ ଶ୍ରୀ ସାମନ୍ତ ଉନ୍ମୋଚନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୭ ଜଣଙ୍କୁ ‘ସପ୍ତଶଯ୍ୟା ଜୀବନବ୍ୟାପୀ ସମ୍ମାନ’



ଭୁବନେଶ୍ୱର, ୨୨।୧୨(ସମିସ): ଦେବାଂଶୀ ନୃତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ରବୀନ୍ଦ୍ରମଣ୍ଡପ ଠାରେ ଦୁଇ ଦିନିଆ ସପ୍ତଶଯ୍ୟା ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠିତ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର, ଅଭିନେତା ଅସିତ ପତି, ଅଭିନେତ୍ରୀ ତ୍ରିପୁରା ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ପରିଜା, ସମାଜସେବୀ ଡ. ଇତିରାଣୀ ସାମନ୍ତ, କଣ୍ଠଶିଳ୍ପୀ ସୁବାସ ଦାସ, ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ରାୟଙ୍କୁ ‘ସପ୍ତଶଯ୍ୟା ଜୀବନବ୍ୟାପୀ ସମ୍ମାନ-୨୦୨୫’ ପ୍ରଦାନ କରାଯାଇଥିଲା। ଏହାସହ ଅନେକ ଯୁବ ଉଦୀୟମାନ ଶିଳ୍ପୀମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଇଟି ପର୍ଯ୍ୟାୟରେ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବାଂଶୀ ନୃତ୍ୟ ଅନୁଷ୍ଠାନର ୫୦ଜଣ ଶିଳ୍ପୀଙ୍କୁ ନେଇ ଏକତ୍ର ଓଡିଶୀ ନୃତ୍ୟ ପରିବେଷିତ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିପରି ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଗୀତା ଦାଶ, ଶୈଳଭାମା ମହାପାତ୍ର, ସୁସ୍ମିତା ଦାସ, ପମି ମିଶ୍ର, ଆଦ୍ୟାଶା ଦାସ, ପ୍ରୀତିନନ୍ଦା ରାଉତରାୟ, ଅନୁସୂୟା ନାଥ, ଛନ୍ଦା ମିଶ୍ର, ଅନିନ୍ଦିତା ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଢେଙ୍କାନାଳ ରାଜା ବ୍ରିଗେଡ଼ିୟର କାମାକ୍ଷା ପ୍ରସାଦ ସିଂ, ରାଣୀ ରତ୍ନପ୍ରଭା ଦେବୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁସିଂ, ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ରାଖି ଦାସ ପରିଚାଳନା କରିଥିଲେ।

## ପ୍ରତାପଶାସନ ପଞ୍ଚାୟତରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

# ପଞ୍ଚାୟତ ବୈଠକ ବର୍ଜନ କଲେ ୱାର୍ଡସଭ୍ୟ




ବାଲିଅନ୍ତା, ୨୨।୧୨(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପଶାସନ ପଞ୍ଚାୟତରେ ବିଭିନ୍ନ ଅନିୟମିତତା ଓ ଦୁର୍ନୀତି ବିରୋଧରେ ଆଜି ୮ ଜଣ ୱାର୍ଡସଭ୍ୟ ପଞ୍ଚାୟତରେ ଧାରଣା ଦେଇଥିଲେ। ସରପଞ୍ଚ ରୀନା ବେହେରାଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ଅରୁଣ କୁମାର ସାହୁ ସଭାପତିତ୍ୱ କରିଥିଲେ। ବୈଠକ ଆରମ୍ଭରୁ ହେବାମାତ୍ରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନ, ଚଉକିପଡ଼ିଆ ଶ୍ମଶାନ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ କାର୍ଯ୍ୟରେ ଦୁର୍ନୀତି ନେଇ ଅଭିଯୋଗ କରି ଉକ୍ତ ପଞ୍ଚାୟତର ୮ ଜଣ ୱାର୍ଡ ସଭ୍ୟ ବୈଠକରେ ପାଟିତୁଣ୍ଡ କରିଥିଲେ। ତାପରେ ବୈଠକ ବର୍ଜନ କରି ପଞ୍ଚାୟତ ପରିସରରେ ଦୀର୍ଘ ସମୟ ଧରି ପ୍ରତିବାଦ କରିଥିଲେ। ଅପରପକ୍ଷରେ ବିଭିନ୍ନ ଅଭିଯୋଗର ତଦନ୍ତ କରାନଯିବା ପର୍ଯ୍ୟନ୍ତ ୱାର୍ଡସଭ୍ୟମାନଙ୍କ ଧାରଣା ଚାଲୁ ରହିବ ବୋଲି ୱାର୍ଡ ସଭ୍ୟ ଚେତାବନୀ ଦେଇଛନ୍ତି। ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ ଅଭିଯୋଗଗୁଡିକ ହେଲା ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରା ନ ଯିବା, ମନମୁଖୀ ପ୍ରକଳ୍ପ ବିବରଣୀ ଖାତାରେ ଲେଖାଇ ପ୍ରକଳ୍ପ ଅନୁମୋଦନ କରାଇବା, ପଞ୍ଚାୟତ ଅଧିକାରୀ ୱାର୍ଡସଭ୍ୟଙ୍କ ବିନା ସ୍ୱୀକୃତିରେ କାର୍ଯ୍ୟ କରିବା, ବେଆଇନ ଭାବେ ଦୋକାନ ଗୃହ ବଣ୍ଟନ କରାଯିବା, ବୈଠକ ବିନା ପ୍ରକଳ୍ପ ବାବଦରେ ଅତିରିକ୍ତ ଖର୍ଚ୍ଚ ଚିଠା ପ୍ରସ୍ତୁତ କରିବା, ସାପ୍ତାହିକ ହାଟପିଣ୍ଡି ବଣ୍ଟନରେ ଅନିୟମିତତା, ଅନୁଦାନ ରାଶି ଖର୍ଚ୍ଚ ବାବଦରେ ବୈଠକରେ ସୂଚନା ପ୍ରଦାନ କରା ନ ଯିବା ନେଇ ୱାର୍ଡ ସଭ୍ୟମାନେ ପ୍ରତିବାଦ କରି ଧାରଣା ଦେଇଥିଲେ। ଅପରପକ୍ଷରେ ଏସମ୍ପର୍କରେ ଗ୍ରାମ ପଞ୍ଚାୟତ ଅଧିକାରୀ ଜିତିସେ କୁମାର ରାଉତରାୟ ପଚାରିବାରେ ୱାର୍ଡସଭ୍ୟଙ୍କ ସହ ଆଲୋଚନା କରି ସମସ୍ତ କାର୍ଯ୍ୟ କରାଯାଇଥିବା କହିଛନ୍ତି।

# ପଲ୍ଲୀକବି ନନ୍ଦକିଶୋରଙ୍କ ଜୟନ୍ତୀ ସମାରୋହ ଆରମ୍ଭ



ଭୁବନେଶ୍ୱର, ୨୨।୧୨(ସମିସ): ପଲ୍ଲୀକବି ନନ୍ଦକିଶୋର ୧୫୦ ଜୟନ୍ତୀ କମିଟି ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୫୦ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ସହ ସମାରୋହର ପ୍ରତୀକ ବା ଲୋଗୋ ଉନ୍ମୋଚନ କରାଯାଇଛି।

ଜୟନ୍ତୀ କମିଟି କାର୍ଯ୍ୟକାରୀ ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ‘ପ୍ରଗତିବାଦୀ’ କାର୍ଯ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ଫନୀ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରଫେସର ମଣିନ୍ଦ୍ର କୁମାର ମେହେର ଯୋଗ ଦେଇଥିଲେ। ନନ୍ଦ କିଶୋରଙ୍କ କୁସୁପୁର ଗାଁର ବାସଭବନକୁ ସରକାର ଜାତୀୟ ସ୍ମାରକୀ ଘୋଷଣା କରିବା ଏବଂ ନନ୍ଦ କିଶୋର ବଳଙ୍କ ୧୫୦ତମ ଜୟନ୍ତୀ ବର୍ଷକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରା ରାଜ୍ୟରେ ଧୁମଧାମରେ ପାଳନ କରାଯିବା ଲାଗି ପ୍ରଫେସର ମେହେର ପ୍ରସ୍ତାବ ଦେଇଥିଲେ? ସେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଐତିହାସିକ ତଥା ଗବେଷକ ଡକ୍ଟର ଭାଗବତ ଶୁକ୍ଳ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସ୍ତମ୍ଭକାର ଓ ଦାର୍ଶନିକ ପ୍ରଫେସର ଧନେଶ୍ୱର ସାହୁ, ସମାଜସେବୀ ବ୍ରଜ କିଶୋର ନନ୍ଦ, ପ୍ରଯୋଜକ ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର, ସାହିତ୍ୟିକା ପଦ୍ମାଳୟା ସାମଲ ଯୋଗ ଦେଇଥିଲେ ଏବଂ କମିଟିର ଆବାହକ ତଥା ପ୍ରଗତିବାଦୀ କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ସିଂ ଘୋଷଣା କରିଥିଲେ। ସମ୍ପାଦକ ସେକ ମସୁଦ ଅଲୀ ଧନ୍ୟବାଦ ଦେଇଥିଲେ। ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କୁ ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ୧୫୦ତମ ଜୟନ୍ତୀ କମିଟିର ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି।

ଆମ ରାଜଧାନୀ ଆମ ଐତିହ୍ୟ

# ପଞ୍ଚରଥ ବିଶିଷ୍ଟ ମାର୍କଣ୍ଡେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୨।୧୨(ସମିସ): ପୁରାତନ ମନ୍ଦିର, ପ୍ରାଚୀନ ଗୁମ୍ଫା, ପୁଷ୍କରିଣୀ ଓ ମଠ ଆଦିକୁ ନେଇ ମନ୍ଦିରମାଳିନୀ ସହରର ଭାବେ ପରିଚିତ ରାଜଧାନୀ ଭୁବନେଶ୍ୱର। ଯେଉଁଥିରେ ଦେଖିବାକୁ ମିଳେ ଉତ୍କଳୀୟ ଐତିହ୍ୟ ଏବଂ କୀର୍ତ୍ତିରାଜି। ସେହି କୀର୍ତ୍ତିରାଜୀ ମଧ୍ୟରୁ ଅନ୍ୟତମ ହେଉଛି ଏକାଦଶ ଶତାବ୍ଦୀର ମହାକାଳ ମହାକାଳୀ ମନ୍ଦିର।

ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ହାଟ ସାହି ପାଖରେ ଅବସ୍ଥିତ। ଏହା ଏକ ଆବଦ୍ଧ ବିହୀନ ମନ୍ଦିର ଅର୍ଥାତ୍ ମନ୍ଦିରର କୌଣସି ଦେଉଳ ନାହିଁ। ଏଠାରେ ମୁଖ୍ୟ ଦେବତା ଭାବେ ଶିବଙ୍କୁ ପୂଜା କରାଯିବା ସହ, ତାଙ୍କ ସହ ମହାକାଳୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ। ମନ୍ଦିର ମଧ୍ୟରେ ଭିତର ପାର୍ଶ୍ୱକୁ ଶିବଲିଙ୍ଗ ରହିଛନ୍ତି ଏବଂ ଏହାକୁ ଲାଗି ଆଉ ଏକ ଛୋଟ ଲିଙ୍ଗ ମଧ୍ୟ ରହିଛି। କୁହାଯାଏ ଏହି ଛୋଟ ଲିଙ୍ଗଙ୍କୁ ମହାକାଳୀ ଭାବେ ପୂଜା କରାଯାଇଥାଏ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଏବଂ କିମ୍ବଦନ୍ତୀ ଅନୁଯାୟୀ ମହାକାଳ ଓ ମହାକାଳୀ ହେଉଛନ୍ତି ଲିଙ୍ଗରାଜଙ୍କ ପିତାମାତା। ହେଲେ ବର୍ତ୍ତମାନ ସମୟରେ ଲିଙ୍ଗ ରାସ୍ତାର ଚାରି ମିଟର ତଳକୁ ରହିଛନ୍ତି। ଏକାଦଶ ଶତାବ୍ଦୀର ଏହି ମନ୍ଦିରଟି ବାଲୁକା ପଥରରେ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିଲା। ମନ୍ଦିରର ପାର୍ଶ୍ୱ ଦେବାଦେବୀ ଭାବେ ଗଣେଶ ଏବଂ ଅନ୍ୟ ମହିଳା ନର୍ତ୍ତକୀ, ଚାରିଭୂଜା ବିଶିଷ୍ଟ ଦେବୀ, ସିଂହ ଆଦି ଦେଖିବାକୁ ମିଳିଥାଏ। ଶିବରାତ୍ରି, ସଂକ୍ରାନ୍ତି ଆଦି ଏଠାରେ ପାଳନ କରାଯାଇଥାଏ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଅକାଳ ମୃତ୍ୟୁରୁ ରକ୍ଷା ପାଇବା ପାଇଁ ଲୋକ ଏଠାରେ ପୂଜା କରିଥାନ୍ତି।




## ଏବେ କେମିତି ରହିଛି

ବର୍ତ୍ତମାନ ସମୟରେ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗର ରହିଛି। ମନ୍ଦିରଟି ରାସ୍ତା କଡକୁ ଥିବା ସହ ଏହା ପୁରାପୁରି ଭାବେ ଆବଦ୍ଧ ନହେବା କାରଣରୁ ବର୍ଷା ଦିନରେ ବର୍ଷା ପାଣି ସମେତ ରାସ୍ତାର ଅପରିଷ୍କାର ପାଣି ଏବଂ ଅନ୍ୟ ସମୟରେ ରାସ୍ତାର ଧୂଳି ମନ୍ଦିର ଭିତରକୁ ପଶିଥାଏ। ସମୟସହ ରାସ୍ତାର ଉଚ୍ଚତା ବଢ଼ିବାରୁ ମନ୍ଦିରସ୍ତର ଆଗ ଅପେକ୍ଷା ତଳକୁ ପରିଲକ୍ଷିତ ହେଉଛି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରର ପାର୍ଶ୍ୱଦେବାଦେବୀଙ୍କ କଳାକୃତି କ୍ଷତିଗ୍ରସ୍ତ ହେବ ସହ ରଙ୍ଗ ମଧ୍ୟ ଛାଡିଗଲାଣି। ମନ୍ଦିର ଲୋକଙ୍କ ଭାବନା ସହ ଜଡିତ ତେଣୁ ଏପରି ଐତିହ୍ୟ ମନ୍ଦିର ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ ହେଉଛି ବୋଲି ମନ୍ଦିରର ପୂଜାରୀ କହିଥିଲେ।

